ସାହିତ୍ୟ ଏକାଦେମୀ ଅନୁବାଦ ପୁରସ୍କାର ପୁସ୍ତକ

# ୩୧ ତାରିଖ ଯାଏ ଆବେଦନ

■ ଭୁବନେଶ୍ୱର, ତା ୪।୫ (ପିଏନଏସ)
ସାହିତ୍ୟ ଅକାଦେମି ୧୯୮୯ ମସିହାରୁ ପ୍ରତିବର୍ଷ ଅକାଦେମି ଦ୍ୱାରା ସ୍ୱୀକୃତ ୨୪ଟି ଭାରତୀୟ ଭାଷାରେ 'ସାହିତ୍ୟ ଅକାଦେମି ଅନୁବାଦ ପୁରସ୍କାର' ପ୍ରଦାନ କରୁଛି । ଅକାଦେମି ଦ୍ୱାରା ସ୍ୱୀକୃତ ଅସମିୟା, ବଙ୍ଗଳା, ବୋଡ଼ୋ, ଡୋଗ୍ରୀ, ଇଂରାଜୀ, ଗୁଜରାଟୀ, ହିନ୍ଦୀ, କନ୍ନଡ଼, କଶ୍ମିରୀ, କୋଙ୍କଣୀ, ମୈଥିଳି, ମାଲୟାଲମ, ମଣିପୁରୀ, ମରାଠୀ, ନେପାଳୀ, ଓଡ଼ିଆ, ପଞ୍ଜାବୀ, ରାଜସ୍ଥାନୀ, ସଂସ୍କୃତ, ସାନ୍ତାଳୀ, ସିନ୍ଧି, ତାମିଲ, ତେଲୁଗୁ ଓ ଉର୍ଦ୍ଦୁ ଭାଷାରେ ଭାରତୀୟ ଲେଖକମାନଙ୍କ ଦ୍ୱାରା ଅନୂଦିତ ସର୍ବୋତ୍କୃଷ୍ଟ ଅନୁବାଦ ପୁସ୍ତକକୁ ଏହି ପୁରସ୍କାର ଦିଆଯାଏ । ଏକ ସମ୍ମାନଜନକ ଉତ୍ସବରେ ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କାର ଅର୍ଥରାଶି ଏବଂ ଫଳକ ପ୍ରଦାନ କରାଯାଇଥାଏ।

ସାହିତ୍ୟ ଅକାଦେମି ୨୦୨୫ ବର୍ଷର ସାହିତ୍ୟ ଅକାଦେମି ଅନୁବାଦ ପୁରସ୍କାର ଲାଗି ଭାରତୀୟ ଅନୁବାଦକ, ଅନୁବାଦକଙ୍କ ଶୁଭଚିନ୍ତକ ଓ ପ୍ରକାଶକଙ୍କଠାରୁ ଅକାଦେମି ଦ୍ୱାରା ସ୍ୱୀକୃତ ୨୪ଟି ଭାଷାରେ ଅନୁବାଦ ପୁସ୍ତକ ଆହ୍ୱାନ କରୁଛି । ୨୦୧୯,୨୦୨୦,୨୦୨୧,୨୦୨୨ ଓ ୨୦୨୩ (ଅର୍ଥାତ ୧ ଜାନୁଆରି ୨୦୧୯ରୁ ୩୧ ଡିସେମ୍ବର ୨୦୨୩ ମଧ୍ୟରେ) ପ୍ରଥମେ ପ୍ରକାଶିତ ଅନୁବାଦ ପୁସ୍ତକଗୁଡ଼ିକୁ ଏହି ପୁରସ୍କାର ଲାଗି ବିଚାରକୁ ନିଆଯିବ । ପ୍ରତ୍ୟେକ ବହିର ଏକ କିତା ନକଲ ସହିତ ଆବେଦନ ପତ୍ର ଜମା କରିବାର ଶେଷ ତାରିଖ ୩୧ ମେ ୨୦୨୫। ଓଡ଼ିଆ ଅନୁବାଦ ପୁସ୍ତକ ଗୁଡିକ କୋଲକାତାସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟକୁ ପଠାଇବାକୁ ହେବ । ଏହି ପୁରସ୍କାର ସଂପର୍କିତ ବିସ୍ତୃତ ବିବରଣୀ ଜାଣିବା ଲାଗି ସାହିତ୍ୟ ଅକାଦେମିର ୱେବସାଇଟ www.sahitya-akademi.gov.inରେ ଉପଲବ୍ଧ ସାହିତ୍ୟ ଅକାଦେମି ଅନୁବାଦ ପୁରସ୍କାର ନିୟମାବଳୀ ଦେଖିବାକୁ ଅନୁରୋଧ କରାଯାଇଛି ।